1957
*ନଭେମ୍ବର, 25*

# ଚୌଧୁରୀ ଧରମ ସିଂ ରାଠୀ

## ବନାମ

## ପଞ୍ଜାବ ରାଜ୍ୟ ଏବଂ ଅନ୍ୟମାନେ

(ପ୍ରଧାନ ନ୍ୟାୟାଧୀଶ ଏସ୍. ଆର୍. ଦାସ, ଭେଙ୍କଟରାମା ଆୟାର, ଏସ୍.କେ. ଦାସ, ଗଜେନ୍ଦ୍ରଗଡ଼କର ଏବଂ ଏ. କେ. ସରକାର, ନ୍ୟାୟମୂର୍ତ୍ତିବୃନ୍ଦ)

ପ୍ରତିଷେଧକ ଅଟକ -ସମୟ ମଧ୍ୟରେ ଏହାର ବିବୃତ୍ତି ଦାଖଲ କରିବାରେ ପରାମର୍ଶଦାତା ମଣ୍ଡଳୀର ବିଫଳତା -ପ୍ରଭାବ –ଅଟକ ରହିଥିବା ବ୍ୟକ୍ତି, ଯଦି ମୁକ୍ତ କରାଯିବ -ପ୍ରତିଷେଧକ ଅଟକ ଅଧିନିୟମ (1950ର ନଂ. Iv), ଧାରା 10, 11 ।

ସେହି ଧାରା ଦ୍ୱାରା ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରତିଷେଧକ ଅଟକ ଅଧିନିୟମର ଧାରା 10 ଅନୁଯାୟୀ ପରାମର୍ଶଦାତା ମଣ୍ଡଳୀ ଦ୍ୱାରା ଏହାର ବିବୃତ୍ତି ଦାଖଲ କରିବା ଅଟକ ରହିଥିବା ବ୍ୟକ୍ତିଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ଯଦି ବୋର୍ଡ ଏପରି କରିବାରେ ବିଫଳ ହୁଏ, ତେବେ ସେହି ଅବଧି ପରେ ଆଉ କୌଣସି ଅଟକ ବେଆଇନ ହୋଇଯାଏ ।

ଫଳସ୍ୱରୂପ ଅଟକ ରହିଥିବା ବ୍ୟକ୍ତିଙ୍କ ମାମଲା ଥିଲା ଯେ ତାଙ୍କ ଅଟକ ରଖାଯିବା ପରର ଦଶ ସପ୍ତାହ ମଧ୍ୟରେ ପରାମର୍ଶଦାତା ମଣ୍ଡଳୀ ଏହାର ବିବୃତ୍ତି ଦାଖଲ କରିନଥିଲା ଏବଂ ତେଣୁ ତାଙ୍କୁ ଅଟକ ରଖିବା ବେଆଇନ ହୋଇଗଲା ଏବଂ ତାଙ୍କ ତରଫରୁ ଦାଖଲ ହୋଇଥିବା ପ୍ରତି-ସତ୍ୟପାଠରେ ସେହି ମାମଲାଟିକୁ ଖଣ୍ଡନ କରିବାକୁ ସରକାରଙ୍କ ତରଫରୁ କୌଣସି ପ୍ରୟାସ କରାଯାଇନଥିବାରୁ ଅଟକ ରଖିଥିବା ବ୍ୟକ୍ତିଙ୍କୁ ମୁକ୍ତ କରାଯିବା ଆବଶ୍ୟକ ।

ମୂଳ ଅଧିକାରିତା : ଆବେଦନ ନଂ 135/1957

(ସମ୍ବିଧାନର ଅନୁଚ୍ଛେଦ 32 ଅନୁଯାୟୀ ବନ୍ଦୀ ଉପସ୍ଥାପନ ପ୍ରକୃତିର ଏକ ଆଜ୍ଞାଦେଶ ପାଇଁ) ।

ଆବେଦନକାରୀ ପକ୍ଷରୁ *ଏନ୍. ସି. ଚାଟାର୍ଜୀ* ଏବଂ *ନୌନିତ୍ ଲାଲ୍* ।

ଉତ୍ତରଦାତାମାନଙ୍କ ପକ୍ଷରୁ *ଏନ୍. ଏସ୍. ବିନ୍ଦ୍ରା* ଏବଂ *ଟି. ଏମ୍. ସେନ୍* ।

1957 ନଭେମ୍ବର, 25 ରେ ନ୍ୟାୟାଳୟର ରାୟ ପ୍ରଧାନ ନ୍ୟାୟାଧୀଶ ଦାସ ଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା-

ଜିଲ୍ଲା ମାଜିଷ୍ଟ୍ରେଟ୍, କର୍ଣ୍ଣାଲଙ୍କ ଦ୍ୱାରା 18 ଅଗଷ୍ଟ, 1957 ରେ ପ୍ରତିଷେଧକ ଅଟକ ଅଧିନିୟମର ଧାରା 3 ଅନୁଯାୟୀ ଦିଆଯାଇଥିବା ଏକ ଆଦେଶ ଦ୍ୱାରା, ଯାହାକି ଅଗଷ୍ଟ 29, 1957 ରେ ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ହୋଇଥିଲା, ଅଟକ ରଖାଯାଇଥିବା ଆବେଦନକାରୀଙ୍କ ଦ୍ୱାରା ଦାୟର ହୋଇଥିବା ବନ୍ଦୀ ଉପସ୍ଥାପନ ଆଜ୍ଞାଦେଶ ପ୍ରକୃତିର ଏକ ରିଟ୍ ପାଇଁ ଏହା ଏକ ଆବେଦନ ।

ଅନୁଚ୍ଛେଦ 10 (xii) ରେ ଆବେଦନକାରୀ ତାଙ୍କ ଆବେଦନରେ ଦର୍ଶାଇଛନ୍ତି ଯେ ସେ ପରାମର୍ଶଦାତା ମଣ୍ଡଳୀ ସମ୍ମୁଖରେ ପ୍ରତିନିଧିତ୍ୱ କରିଥିଲେ ଏବଂ ବ୍ୟକ୍ତିଗତ ଭାବରେ ଦୁଇଥର ଏହା ସମ୍ମୁଖରେ ହାଜର ହୋଇଥିଲେ, କିନ୍ତୁ ମଣ୍ଡଳୀ ଏପର୍ଯ୍ୟନ୍ତ କୌଣସି ଆଦେଶ ପାରିତ କଲା ନାହିଁ ଏବଂ ସେ ଯୁକ୍ତି କରିଛନ୍ତି ଯେ ତାଙ୍କ ଅଟକ ବେଆଇନ ଏବଂ ତ୍ରୁଟିଯୁକ୍ତ ହୋଇଛି । ପ୍ରତିଷେଧକ ଅଟକ ଅଧିନିୟମ ଧାରା 10 ଅନୁଯାୟୀ, ପରାମର୍ଶଦାତା ମଣ୍ଡଳୀକୁ, ସେଥିରେ ନିର୍ଦ୍ଧାରିତ ପ୍ରକ୍ରିୟାକୁ ଅନୁଧ୍ୟାନ କରିବା ପରେ, ଅଟକ ରଖାଯିବା ତାରିଖ ଠାରୁ ଦଶ ସପ୍ତାହ ମଧ୍ୟରେ ରାଜ୍ୟ ସରକାରଙ୍କୁ ଏହାର ବିବୃତ୍ତି ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହି ବିବୃତ୍ତି ପ୍ରସ୍ତୁତ ହେବା ପରେ ରାଜ୍ୟ ସରକାରଙ୍କୁ

ଧାରା 11 ଅନୁଯାୟୀ ପଦକ୍ଷେପ ନେବାକୁ ପଡ଼ିବ । ଯଦି ବିବୃତ୍ତି ଅଟକ ବିରୋଧରେ ଥାଏ, ତେବେ ସରକାରଙ୍କ ପାଖରେ ଅଟକ ରଖିଥିବା ବ୍ୟକ୍ତିଙ୍କୁ ତୁରନ୍ତ ମୁକ୍ତ କରିବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନାହିଁ । ଏପରି ଏକ ସ୍ଥିତିରେ ବିବୃତ୍ତି ଦାଖଲ କରିବାରେ ବିଳମ୍ବ ହେବା ଧାରା 10 ସହିତ ଧାରା 11 ରେ "ତୁରନ୍ତ" ଅଭିବ୍ୟକ୍ତି ଦ୍ୱାରା ସୂଚିତ ଅବଧି ବାହାରେ ଅଟକକୁ ବିଳମ୍ବିତ କରିପାରେ । ଅନ୍ୟ ପକ୍ଷରେ, ଯଦି ଏପରି ଅଟକକୁ ଏହି ବିବୃତ୍ତି ଅନୁମୋଦନ କରେ, ତେବେ ସରକାର ଅଟକକୁ ଜାରି ରଖିପାରନ୍ତି, କିନ୍ତୁ ବାଧ୍ୟ ନୁହଁନ୍ତି ଏବଂ ଯଦି ସେ ଅଟକକୁ ଜାରି ରଖିବାକୁ ନିଷ୍ପତ୍ତି ନିଅନ୍ତି, ତେବେ ତାଙ୍କୁ ଏପରି ଅଟକ ଅବଧି ସ୍ଥିର କରିବାକୁ ପଡିବ । ଏହି ମାମଲାରେ ମଧ୍ୟ ବିବୃତ୍ତି ଦାଖଲ କରିବାରେ ବିଳମ୍ବ ଅଟକ ଥିବା ବ୍ୟକ୍ତି ଜଣଙ୍କୁ ତାଙ୍କ ଅଟକକୁ ଜାରି ରଖିବା ବିଷୟରେ ରାଜ୍ୟ ସରକାରଙ୍କ ଦ୍ୱାରା ଏକ ନୂତନ ନିର୍ଣ୍ଣୟର ଲାଭରୁ ବଞ୍ଚିତ କରେ । ତେଣୁ, ଏହା ସୂଚିତ କରେ ଯେ ଉଭୟ କ୍ଷେତ୍ରରେ ଆଇନ ଦ୍ୱାରା ନିର୍ଦ୍ଧାରିତ ସମୟ ମଧ୍ୟରେ ବିବୃତ୍ତି ପ୍ରସ୍ତୁତ କରିବା ଅଟକ ରହିଥିବା ବ୍ୟକ୍ତିଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ଠିକ୍ ସମୟରେ ବିବୃତ୍ତି ପ୍ରସ୍ତୁତ କରିବାରେ ବିଫଳତା ବେଆଇନ ଭାବରେ ଅଟକକୁ ବହୁସମୟ ଯାଏ ପ୍ରଭାବ ପକାଇପାରେ ଏବଂ, ତେଣୁ, ଦଶ ସପ୍ତାହର ଅବଧି ଶେଷ ହେବା ପରେ, ଅଟକ ରଖାଯାଇଥିବା ବ୍ୟକ୍ତି ଅଭିଯୋଗ କରିପାରନ୍ତି ଯେ ଆଇନ ସ୍ଥାପିତ ପ୍ରକ୍ରିୟା ବ୍ୟତୀତ ତାଙ୍କୁ ତାଙ୍କର ବ୍ୟକ୍ତିଗତ ସ୍ୱାଧୀନତାରୁ ବଞ୍ଚିତ କରାଯାଇଛି । ଏହି ମାମଲାରେ ପରାମର୍ଶଦାତା ମଣ୍ଡଳୀର ବିବୃତ୍ତି ଦାଖଲ କରିବାର ଦଶ ସପ୍ତାହ ମଧ୍ୟରେ ଅକ୍ଟୋବର 27, 1957 ରେ ସମାପ୍ତ ହୋଇଥିଲା । ଏହି ଆବେଦନ ନଭେମ୍ବର 8, 1957 ରେ ଦାଖଲ କରାଯାଇଥିଲା । ଅଟକ ରହିଥିବା ବ୍ୟକ୍ତି ଜଣକ ଅଭିଯୋଗ କରିପାରନ୍ତି ଯେ ଅକ୍ଟୋବର 28, 1957 ରେ ଏବଂ ତା ପରଠାରୁ, ତାଙ୍କ ଅଟକ ବେଆଇନ ଏବଂ ତ୍ରୁଟିଯୁକ୍ତ ହୋଇଯାଇଛି ଏବଂ ସାରତଃ, ସେ ତାଙ୍କ ଆବେଦନର ଅନୁଚ୍ଛେଦର 10(xii) ଯାହା କହିଛନ୍ତି ।

ରାଜ୍ୟ ତରଫରୁ ହାଜର ହୋଇଥିବା ବିଜ୍ଞ ଓକିଲ ଦର୍ଶାଇଛନ୍ତି ଯେ ଆବେଦନରେ କୌଣସି ଅଭିଯୋଗ ନାହିଁ ଯେ ମଣ୍ଡଳୀ ଏହାର ବିବୃତ୍ତି ଦାଖଲ କରିନାହିଁ ଏବଂ ଯାହା କୁହାଯାଇଛି ତାହା ହେଉଛି ବୋର୍ଡ କୌଣସି ଆଦେଶ ଦେଇନାହିଁ । ବିଜ୍ଞ ଓକିଲ କହିଛନ୍ତି ଯେ ଯଦି ଆବେଦନକାରୀ କହିଥିଲେ ଯେ ମଣ୍ଡଳୀ ଏହାର ବିବୃତ୍ତି ଦାଖଲ କରିନଥିଲା, ତେବେ ରାଜ୍ୟ ସରକାର ସେହି ଅଭିଯୋଗର ମୁକାବିଲା କରିବେ ବୋଲି ଆଶା କରାଯାଇପାରେ । ଅଧିନୀୟମର ଧାରା 10 ଅନୁଯାୟୀ ଅଟକ ଚାଲୁ ରଖିବା କିମ୍ବା ବନ୍ଦ କରିବା ପାଇଁ କୌଣସି ଆଦେଶ ଦେବା ପାଇଁ ମଣ୍ଡଳୀର କୌଣସି କ୍ଷମତା ନାହିଁ, କିନ୍ତୁ ରାଜ୍ୟ ସରକାରଙ୍କୁ ଏହାର ବିବୃତ୍ତି ଦାଖଲ କରିବାର ଦାୟିତ୍ୱ ଅଟେ । ଏହି ପରିପ୍ରେକ୍ଷୀରେ, ଅନୁଚ୍ଛେଦର 10 (xii) ଏକ ସରଳ ପଠନ ସୂଚିତ କରେ ଯେ ଆବେଦନକାରୀଙ୍କ ଅଭିଯୋଗ ସାରତଃ ଯେ ମଣ୍ଡଳୀ ନିର୍ଦ୍ଧାରିତ ସମୟ ମଧ୍ୟରେ ବିବୃତ୍ତି ଦାଖଲ କରିନାହିଁ, ତେଣୁକରି, ତାଙ୍କ ଅଟକ ବେଆଇନ ହୋଇଯାଇଛି । ସମୟ ମଧ୍ୟରେ ବିବୃତ୍ତି ଦାଖଲ ହୋଇଛି କି ନାହିଁ ତାହା ନିଶ୍ଚିତ କରିବା ପାଇଁ ରାଜ୍ୟ ତରଫରୁ ହାଜର ହୋଇଥିବା ବିଜ୍ଞ ଓକିଲ ସମୟ ମାଗିଥିଲେ । ଏହି ମାମଲାର ପରିସ୍ଥିତିରେ କୌଣସି ମୁଲତବି ଦିଆଯିବା ଉଚିତ ବୋଲି ଆମେ ଭାବୁନାହୁଁ । ଏହି ଆବେଦନରେ ନିଶ୍ଚିତ ଭାବରେ ଅଭିଯୋଗ କରାଯାଇଥିଲା ଯେ ବୋର୍ଡ ତାହାର କର୍ତ୍ତବ୍ୟ ପାଳନ କରିନଥିଲା ଏବଂ ସେହି କାରଣରୁ ଅଟକ ରଖିବା ବେଆଇନ ଏବଂ ତ୍ରୁଟିମୁକ୍ତ ବୋଲି ବର୍ଣ୍ଣିତ ହୋଇଥିଲା କିନ୍ତୁ ଏହି ଅନୁଚ୍ଛେଦକୁ ଏହା ବିରୋଧରେ ଦାଖଲ ହୋଇଥିବା ଦୁଇଟି ସତ୍ୟପାଠ ମଧ୍ୟରୁ କୌଣସିଟିରେ ଆଦୌ ବିଚାର କରାଯାଇନାହିଁ । ଆବେଦନକାରୀଙ୍କ ମାମଲା ବିଷୟରେ କୌଣସି ଭୁଲ ବୁଝାମଣାର ଅବକାଶ ନଥିଲା । ଏହି ପରିସ୍ଥିତିରେ, ଆମର ମତ ହେଉଛି ଯେ କୌଣସି ମୁଲତବୀ ମଞ୍ଜୁର କରାଯିବା ପାଇଁ କୌଣସି ଯଥାର୍ଥ କାରଣ ଦର୍ଶାଯାଇନାହିଁ ।

*1957*
*ଚୌଧୁରୀ ଧରମ ସିଂ ରାଠୀ*
*ବନାମ*
*ପଞ୍ଜାବ ରାଜ୍ୟ*
*ପ୍ରଧାନ ନ୍ୟାୟାଧିଶ ଦାସ*

ଅଧିନିୟମର ଧାରା 10 ରେ ନିର୍ଦ୍ଧାରିତ ପ୍ରକ୍ରିୟାକୁ ଅନୁପାଳନ ନକରିବାର ପ୍ରଭାବ ଉପରେ ଆମେ ଗ୍ରହଣ କରିଥିବା ମତ ଦୃଷ୍ଟିରୁ, ଆବେଦନରେ ଉତ୍ଥାପନ ହୋଇଥିବା ଅନ୍ୟ ପ୍ରସଙ୍ଗକୁ ଯିବା ଆମ ପାଇଁ ଆବଶ୍ୟକ ନୁହେଁ । ତେଣୁ, ଆମ୍ଭେ ନିର୍ଦ୍ଦେଶ ଦେଉଛୁ ଯେ ପ୍ରାର୍ଥନା ଅନୁଯାୟୀ ଏକ ଆଜ୍ଞାଦେଶ ଜାରି କରାଯାଉ ଏବଂ ଆବେଦନକାରୀଙ୍କୁ ତୁରନ୍ତ ମୁକ୍ତ କରାଯାଉ ।

*ଆଜ୍ଞାଦେଶ ଜାରି ହେଲା ।*
*ଆବେଦନକାରୀ ମୁକ୍ତ ହେଲେ ।*

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମା ରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର :**

ସୁମିତ୍ରା ସାହୁ ,ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।